# NATIONAL NEWS BULLETIN (ODIA)

## 5 April - 2025

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ତିନି ଦିନିଆ ଶ୍ରୀଲଙ୍କା ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ଆଜି ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ସହ ହେବ ଦ୍ୱିପାକ୍ଷିକ ଆଲୋଚନା ।

- ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀ ଅବସରରେ ଭାରତ-ନେପାଳ ଦ୍ୱିପାକ୍ଷିକ ଆଲୋଚନା, ଅର୍ଥପୂର୍ଣ୍ଣ ଓ ଗଠନ ମୂଳକ ହୋଇଥିବା ସୂଚନା ।
- ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପ୍ରଚଳନ କରିବ ନୂଆ ସିରିଜ୍‌ର ୧୦ ଟଙ୍କିଆ ଓ ୫୦୦ ଟଙ୍କିଆ ନୋଟ୍ ।
- ଦେଶରେ ସାମୁଦ୍ରିକ ଶିଳ୍ପର ଗୁରୁତ୍ୱ ଦର୍ଶାଇବା ପାଇଁ ଆଜି ପାଳିତ ହେଉଛି ଜାତୀୟ ସାମୁଦ୍ରିକ ଦିବସ ।

ଏବଂ

- ଆଇପିଏଲ୍ ଟି-ଟ୍ୱେଣ୍ଟି କ୍ରିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ୧୨ରନ୍‌ରେ ପରାସ୍ତ କଲା ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ।

# ପିଏମ୍-ଶ୍ରୀଲଙ୍କା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏହି ଆଲୋଚନାରେ ଶକ୍ତି, ବାଣିଜ୍ୟ, ଯୋଗାଯୋଗ, ଡିଜିଟାଲାଇଜେସନ୍ ଏବଂ ପ୍ରତିରକ୍ଷା କ୍ଷେତ୍ର ବିଷୟ ସ୍ଥାନ ପାଇବ ବୋଲି ଜଣାପଡ଼ିଛି । ତିନି ଦିନିଆ ଶ୍ରୀଲଙ୍କା ଗସ୍ତରେ ଯାଇ ଶ୍ରୀ ମୋଦୀ ଗତକାଲି ସନ୍ଧ୍ୟାରେ ସେଠାରେ ପହଞ୍ଚିଥିଲେ । ରାଷ୍ଟ୍ରପତି ଦିଶାନାୟକେଙ୍କ କ୍ୟାବିନେଟ୍‌ର ଶୀର୍ଷ ମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କୁ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ କରିଥିଲେ । ଗତ ବର୍ଷ ସେପ୍ଟେମ୍ବର ମାସରେ ରାଷ୍ଟ୍ରପତି ଭାବେ ଶ୍ରୀ ଦିଶାନାୟକେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ବିଦେଶୀ ରାଷ୍ଟ୍ର ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ମୋଦୀ ଶ୍ରୀଲଙ୍କା ଗସ୍ତ କରିଛନ୍ତି ।  ଆଉ କିଛି ସମୟ ପରେ ପ୍ରଧାନମନ୍ତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯିବାର କାର୍ଯ୍ୟକ୍ରମ ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚତୁର୍ଥଥର ପାଇଁ ଶ୍ରୀଲଙ୍କା ଗସ୍ତକୁ ଦୃଷ୍ଟିରେ ରଖି ଏହାକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଗତକାଲି ଉଭୟ ଦେଶର ମିଳିତ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ସହ ପ୍ରବାସୀ ଭାରତୀୟମାନେ ଶ୍ରୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ।

ଏ ସମ୍ପର୍କରେ ଆକାଶବାଣୀ ସହ କଥାବାର୍ତ୍ତା କରି ସ୍ୱାମୀ ବିବେକାନନ୍ଦ ସାଂସ୍କୃତିକ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଅଙ୍କୁରଣ ଦତ୍ତ କହିଛନ୍ତି, ପ୍ରଧାନମନ୍ତ୍ରୀ ପ୍ରବାସୀ ଭାରତୀୟଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ଅନ୍ୟ ପକ୍ଷରେ ଶ୍ରୀଲଙ୍କା ଭାରତର ପଡ଼ୋଶୀ ପ୍ରଥମ ନୀତିର ଏକ ପ୍ରମୁଖ ଅଂଶ ହୋଇଥିବାରୁ ପ୍ରତିରକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ଏବଂ ବାଣିଜ୍ୟ ଓ ଯୋଗାଯୋଗ କ୍ଷେତ୍ରରେ ସହଯୋଗ ବୃଦ୍ଧି କ୍ଷେତ୍ର ଆହୁରି ସୁଦୃଢ଼ ହେବ ବୋଲି ଅନୁମାନ କରାଯାଉଛି ।

ଶ୍ରୀଲଙ୍କା ରାଷ୍ଟ୍ରପତି ଦିଶାନାୟକେଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ଭାରତ ସମର୍ଥିତ ଅନେକ ଗୁଡ଼ିଏ ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯିବାର ସମ୍ଭାବନା ରହିଛି । ଏହି ଗସ୍ତ କାଳରେ ଉଭୟ ନେତା ଅନେକ ଗୁଡ଼ିଏ ବୁଝାମଣାପତ୍ରରେ ସ୍ୱାକ୍ଷର କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମପୁର ସୂର୍ଯ୍ୟ ଶକ୍ତି ପ୍ରକଳ୍ପର ଶିଳାନ୍ୟାସ ସମାରୋହରେ ମଧ୍ୟ ଯୋଗଦେବେ । ପ୍ରଧାନମନ୍ତ୍ରୀ ଆଇ.ପି.କେ.ଏଫ୍. ସ୍ମାରକୀରେ ଭାରତୀୟ ଶାନ୍ତିରକ୍ଷୀ ବାହିନୀର ସହିଦବୀରମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ ।

ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଥାଇଲାଣ୍ଡର ବ୍ୟାଙ୍କକକ୍ ଠାରେ ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀରେ ଯୋଗଦେବା ପରେ ତିନି ଦିନିଆ ଶ୍ରୀଲଙ୍କା ଗସ୍ତ କରିଛନ୍ତି ।

## ଇଣ୍ଡିଆ-ନେପାଳ ବିମ୍‌ଷ୍ଟେକ୍ ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀରେ ଯୋଗଦେବା ଅବସରରେ ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ନେପାଳ ପ୍ରଧାନମନ୍ତ୍ରୀ ଏହି ସାକ୍ଷାତ ଆଲୋଚନାକୁ ଅତ୍ୟନ୍ତ ଫଳପ୍ରଦ ବୋଲି କହିଛନ୍ତି । ବହୁ କ୍ଷେତ୍ରୀୟ ବୈଷୟିକ ଏବଂ ଅର୍ଥନୈତିକ ସହଯୋଗ ପାଇଁ ବଙ୍ଗୋପସାଗର ପଦକ୍ଷେପର ଷଷ୍ଠ ଶିଖର ସମ୍ମିଳନୀ ଅବସରରେ ନେପାଳ ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଆଲୋଚନା ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଏବଂ ଗଠନମୂଳକ ଥିଲା । ଆଗାମୀ ଦିନରେ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଆଞ୍ଚଳିକ ସହଯୋଗକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଏହା ସହାୟକ ହେବ ବୋଲି ସେ କହିଛନ୍ତି ।

ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନେପାଳ ସହ ସମ୍ପର୍କକୁ ଭାରତ ପ୍ରାଥମିକତା ଦେଉଛି । ବିଶେଷ କରି ଶକ୍ତି, ଯୋଗାଯୋଗ, ସଂସ୍କୃତି ଏବଂ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ

ଭାରତ-ନେପାଳ ବନ୍ଧୁତା ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ସେ କହିଛନ୍ତି, ବିପର୍ଯ୍ୟୟ ପରିଚାଳନା ଏବଂ ସାମୁଦ୍ରିକ ପରିବହନ କ୍ଷେତ୍ରରେ ଚଳିତ ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀର କେତେକ ପ୍ରମୁଖ ବିଷୟ ଉପରେ ଉଭୟ ନେତା ଆଲୋଚନା କରିଥିଲେ ।

ସୂଚନା ଅନୁଯାୟୀ ଉଭୟ ଦେଶର ପ୍ରଧାନମନ୍ତ୍ରୀ ୪୫ ମିନିଟ୍‌ରୁ ଅଧିକ ସମୟ ଧରି ଆଲୋଚନା କରିଥିଲେ ।

# କ୍ୟାବିନେଟ୍

ରେଳ ମନ୍ତ୍ରଣାଳୟର ୧୮ ହଜାର ୬୫୮ କୋଟି ଟଙ୍କା ମୂଲ୍ୟର ୪ଟି ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି । ଗଣମାଧ୍ୟମକୁ ସୂଚନା ଦେଇ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ ୩ଟି ରାଜ୍ୟ ମହାରାଷ୍ଟ୍ର, ଓଡିଶା ଏବଂ ଛତିଶଗଡ଼ର ୧୫ଟି ଜିଲ୍ଲାକୁ ସଂଯୋଗ କରିବ । ଏହାଦ୍ୱାରା ଭାରତୀୟ ରେଳବାଇର ପରିସୀମା ୧ ହଜାର ୨୪୭ କିଲୋମିଟର ବୃଦ୍ଧି ପାଇବ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସମ୍ବଲପୁର-ଝାରସୁଗୁଡ଼ା, ଝାରସୁଗୁଡ଼ା-ଶାସୋନ ତୃତୀୟ ଓ ଚତୁର୍ଥ ଲାଇନ୍, ଖରସିଆ-ନୂଆ ରାଇପୁର-ପରମାଲ୍‌କସା ପଞ୍ଚମ ଓ ଷଷ୍ଠ ଲାଇନ୍ ଏବଂ ଗୋଣ୍ଡିଆ-ବଲ୍‌ହର୍‌ଶାହ ରେଳଲାଇନ୍‌ର ଦୋହରୀକରଣ ଅନ୍ତର୍ଭୁକ୍ତ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଟ୍ରେନ୍ ଯାତ୍ରା ସୁଗମ ହେବା ସହ ଖର୍ଚ୍ଚ ହ୍ରାସ ଘଟିବ ।

**V/O-Aswini (Sambalpur-Talchar)**

କେନ୍ଦ୍ର କ୍ୟାବିନେଟ୍ ମଧ୍ୟ ଶତ ପ୍ରତିଶତ କେନ୍ଦ୍ରୀୟ ପାଣ୍ଠି ସହ ଆଦର୍ଶ ଗ୍ରାମ କାର୍ଯ୍ୟକ୍ରମ-୨କୁ ମଧ୍ୟ ଅନୁମୋଦନ କରିଛି । ଏହାର ବ୍ୟୟ ଅଟକଳ ରହିଛି ୬ ହଜାର ୮୩୯ କୋଟି ଟଙ୍କା ରହିଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O-Aswini (Border Village)**

# ଆର୍‌ବିଆଇ-ବ୍ୟାଙ୍କ୍ ନୋଟସ୍

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଖୁବ୍ ଶୀଘ୍ର ନୂଆ ସିରିଜ୍‌ର ୧୦ ଟଙ୍କିଆ ଓ ୫୦୦ ଟଙ୍କିଆ ନୋଟ୍ ଜାରି କରିବ । ଏଥିରେ ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଦସ୍ତଖତ ରହିବ । ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ ନୂଆ ସିରିଜ୍‌ର ୧୦ ଓ ୫୦୦ ଟଙ୍କିଆ ନୋଟ୍‌ରେ ପୁରୁଣା ନୋଟ୍ ଭଳି ମହାତ୍ମା ଗାନ୍ଧିଙ୍କ ଫଟୋ ଚିତ୍ର ସହ ଡିଜାଇନ୍ ସମାନ ରହିବ । ପୂର୍ବରୁ ରିଜର୍ଭ ବ୍ୟାଙ୍କ୍ ଜାରି କରିଥିବା ୧୦ ଟଙ୍କିଆ ଓ ୫୦୦ ଟଙ୍କିଆ ନୋଟ୍ ବୈଧ ରହିବ ବୋଲି ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ କୁହାଯାଇଛି ।

## ଭିପି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ସାଧାରଣ ନାଗରୀକଙ୍କ ଉପରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ, ଏ.ଆଇ. ନିୟାମକ ବ୍ୟବସ୍ଥାର ମୁଖ୍ୟ ବିଷୟ ହେବା ଆବଶ୍ୟକ । ଗତ ସନ୍ଧ୍ୟାରେ ନୂଆଦିଲ୍ଲୀରେ ଏକ ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗଦେଇ ଶ୍ରୀ ଧନଖଡ଼ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତାରୁ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର ଭାବରେ ନିଷ୍ପତ୍ତି ଗ୍ରହଣ କରାଯିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, ଏହି ବ୍ୟବସ୍ଥାରେ ସାଧାରଣ ନାଗରିକଙ୍କୁ ଚୟନ କରିବାର ଅଧିକାର ଦିଆଯିବା ଆବଶ୍ୟକ । ଶ୍ରୀ ଧନଖଡ଼ କହିଛନ୍ତି, ଭାରତ ନିଜର ସାଇବର ସାର୍ବଭୌମତ୍ୱକୁ ସୁଦୃଢ଼ କରିବା ଆବଶ୍ୟକ କିନ୍ତୁ ଏହାକୁ ବିଶ୍ୱସ୍ତରୀୟ ମାନଦଣ୍ଡ ସହ ଯୋଡ଼ିବାକୁ ହେବ । କୃତ୍ରିମ ବୁଦ୍ଧିମତ୍ତା ସହ ଜଡ଼ିତ ସମସ୍ତ ଅଂଶିଦାରକୁ ଗୋଟିଏ ମଞ୍ଚକୁ ଆସି ବିଶ୍ୱସ୍ତରୀୟ ନିୟମ ଭିତ୍ତିକ ଶୃଙ୍ଖଳା ମଧ୍ୟରେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

## ନ୍ୟାସନାଲ୍ ମାରିଟାଇନ୍ ଡେ

ଦେଶର ଅର୍ଥନୀତି, ପ୍ରତିରକ୍ଷା ଏବଂ ବାଣିଜ୍ୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସାମୁଦ୍ରିକ ଶିଳ୍ପର ଗୁରୁତ୍ୱ ଦର୍ଶାଇବା ପାଇଁ ଆଜି

ଜାତୀୟ ସାମୁଦ୍ରିକ ଦିବସ ପାଳିତ ହେଉଛି ।  ପ୍ରତ୍ୟେକ ବର୍ଷ ଏପ୍ରିଲ୍ ୫ ତାରିଖରେ ଏହି ଦିବସ ପାଳନ କରାଯାଏ । ଏହାର ଉଦ୍ଦେଶ୍ୟ ହେଉଛି, ସାମୁଦ୍ରିକ ଅଭିଯାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ଏବଂ ଯେଉଁମାନେ ମାସ ମାସ ଧରି ସମୁଦ୍ର ମଧ୍ୟରେ ବିଭିନ୍ନ କାର୍ଯ୍ୟ କରିଥାନ୍ତି ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ।

ଜାହାଜ ଚଳାଚଳ ଶିଳ୍ପରେ ଦେଶର ଉଲ୍ଲେଖନୀୟ ଅଗ୍ରଗତିକୁ ସ୍ମରଣ କରି ଭାରତ ଆଜି ୬୨ତମ ଜାତୀୟ ସାମୁଦ୍ରିକ ଦିବସ ପାଳନ କରୁଛି । ଏହି ଅବସରରେ ବାଣିଜ୍ୟ ନୌସେନା ସପ୍ତାହ ମଧ୍ୟ ଆଜି ଉଦ୍‌ଯାପିତ ହେଉଛି ।

ଏହି ଅବସରରେ ଗୁଜରାଟର ଅହମ୍ମଦାବାଦ ନିକଟସ୍ଥ ଲୋଥାଲ୍ ଠାରେ ପ୍ରଥମ ରାଷ୍ଟ୍ରୀୟ ସାମୁଦ୍ରିକ ଐତିହ୍ୟ କମ୍ପ୍ଲେକ୍ସର ବିକାଶ କରାଯାଉଛି । ପ୍ରଧାନମନ୍ତ୍ରୀଙ୍କ ‘ବିରାସତ୍ ଭି, ବିକାଶ ଭି’ ଯୋଜନା ଅଧୀନରେ ଏହାର ବିକାଶ କରାଯାଉଛି । ଚଳିତ ବର୍ଷ ଶେଷ ସୁଦ୍ଧା ଏହି ପ୍ରକଳ୍ପର ୧୪ଟି ମ୍ୟୁଜିୟମ୍ ଗ୍ୟାଲେରି ମଧ୍ୟରୁ ୬ଟି କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି ।

ଅନ୍ୟ ପକ୍ଷରେ ଗୁଜରାଟର କଚ୍ଛ ଉପସାଗରରେ ଅବସ୍ଥିତ ଦିନଦୟାଲ୍ କାଣ୍ଡଲା ବନ୍ଦରରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୫୦ ନିୟୁତ ମେଟ୍ରିକ୍ ଟନ୍‌ରୁ ଅଧିକ ମାଲ ପରିବହନ କରି ନୂଆ ରେକର୍ଡ ସୃଷ୍ଟି

ହୋଇଛି । ଜାତୀୟ ସାମୁଦ୍ରିକ ଦିବସ ଓ ବାଣିଜ୍ୟ ନୌସେନା ସପ୍ତାହ ଅବସରରେ ଜାହାଜ ଚଳାଚଳ ବିଭାଗର ଯୁଗ୍ମ ମହାନିର୍ଦ୍ଦେଶକ ତଥା ନୌବାଣିଜ୍ୟ ବିଭାଗର ପ୍ରମୁଖ ଅଧିକାରୀ କ୍ୟାପ୍‌ଟେନ୍ ସନ୍ତୋଷ କୁମାର ଡାରୋକର ଆକାଶବାଣୀକୁ କହିଛନ୍ତି, ଆଜି ଜାତୀୟ ସାମୁଦ୍ରିକ ଦିବସ ଅବସରରେ ସାମୁଦ୍ରିକ ପତାକା ଉତ୍ତୋଳନ, ଗଣଦୌଡ଼ ଏବଂ ଯୋଗ ଅଧିବେଶନ ଆୟୋଜନ କରାଯିବ ।

ଭାରତର ସାମୁଦ୍ରିକ କ୍ଷେତ୍ର ଏହାର ବାଣିଜ୍ୟର ପ୍ରାୟ ୯୫ ପ୍ରତିଶତ ପରିମାଣ କାର୍ଯ୍ୟ କରିଥାଏ । ୧୯୧୯ ମସିହାରେ ଏସ୍.ଏସ୍. ଲୟାଲ୍‌ଟି ଠାରୁ ଆରମ୍ଭ କରି ବିଶ୍ୱ ଜାହାଜ ଚଳାଚଳ ପାୱାର୍ ହାଉସ୍‌ରେ ପରିଣତ ହେବା ପର୍ଯ୍ୟନ୍ତ ଭାରତ ୭ ହଜାର ୫୦୦ କିଲୋମିଟରରୁ ଅଧିକ ଉପକୂଳ ଅଞ୍ଚଳ ଏବଂ ୧୨ଟି ପ୍ରମୁଖ ବନ୍ଦର ସହିତ ବିଶ୍ୱର ଷୋଡ଼ଶ ବୃହତମ ସାମୁଦ୍ରିକ ରାଷ୍ଟ୍ର ଭାବରେ ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛି ।

## ନେପାଳ-ଆର୍ଥକ୍ୱେକ୍

ନେପାଳର ଗତକାଲି ସନ୍ଧ୍ୟାରେ ୫ ତୀବ୍ରତା ବିଶିଷ୍ଟ ଦୁଇଟି ମଧ୍ୟମଧରଣର ଭୂମିକମ୍ପ ଅନୁଭୂତ ହୋଇଛି । ଜାଜରକୋର୍ଟ୍ ନିକଟବର୍ତ୍ତୀ ପେଙ୍କ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଭୂକମ୍ପର କେନ୍ଦ୍ରସ୍ଥଳ

ରହିଥିଲା । ଉତ୍ତର ଭାରତର ବିଭିନ୍ନ ସ୍ଥାନରେ ମଧ୍ୟ ହାଲୁକା ଭୂମିକମ୍ପ ଅନୁଭୂତ ହୋଇଥିବା ଖବର ମିଳିଛି । ତେବେ ଏଥିରେ କୌଣସି କ୍ଷୟକ୍ଷତିର ଖବର ମିଳିନାହିଁ ।

ନେପାଳର ରାଷ୍ଟ୍ରୀୟ ଭୂକମ୍ପ ସର୍ବେକ୍ଷଣ ଓ ଗବେଷଣା କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାତି ୮ଟା ୭ ମିନିଟ୍‌ରେ ୫ ଦଶମିକ୍ ୨ ଏବଂ ରାତି ୮ଟା ୧୦ ମିନିଟ୍‌ରେ ୫ ଦଶମିକ୍ ୫ ତୀବ୍ରତାର ଭୂକମ୍ପ ରେକର୍ଡ କରାଯାଇଛି ।

## ଆଇପିଏଲ୍

ଆଇପିଏଲ୍ ଟି-ଟ୍ୱେଣ୍ଟି କ୍ରିକେଟ୍‌ରେ ଗତକାଲି ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଆୟୋଜିତ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ୧୨ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୨୦୩ରନ୍ ସଂଗ୍ରହ କରିଥିଲା । ଓପନର ମିଚେଲ୍ ମାର୍ସ୍ ଏବଂ ଏଡେନ୍ ମାକ୍ରମ୍ ଅର୍ଦ୍ଧଶତକ କରିଥିଲେ । ମିଚେଲ୍ ୩୧ ବଲ୍‌ରୁ ୬୦ରନ୍ ଓ ମାକ୍ରମ୍ ୩୮ ବଲ୍‌ରୁ ୫୩ରନ୍ କରିଥିଲେ । ମୁମ୍ବାଇ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ୫ ୱିକେଟ୍ ନେଇଥିଲେ ।

ଏହାର ଜବାବରେ ମୁମ୍ବାଇ ଇଣ୍ଡିଆ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୯୧ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ସୂର୍ଯ୍ୟ କୁମାର ଯାଦବ ୪୩ଟି ବଲ୍‌ରୁ ୬୭ରନ୍ କରିଥିଲେ ।

ଆଜି ଆଇପିଏଲ୍‌ରେ ଦୁଇଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅପରାହ୍ଣ ସାଢ଼େ ୩ଟାରେ ଚେନ୍ନାଇ ସୁପରକିଙ୍ଗସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠଇତ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ମହରାଜା ୱାଇ.ଏସ୍. ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ପଞ୍ଜାବ କିଙ୍ଗସ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଅନୁଷ୍ଠିତ ହେବ । ପଏଣ୍ଟ ତାଲିକାରେ ଶୀର୍ଷରେ ପଞ୍ଜାବକିଙ୍ଗସ୍ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ତୃତୀୟ ସ୍ଥାନରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ରହିଛି ।